# NATIONAL NEWS BULLETIN (ODIA)

**7 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଜସ୍ଥାନ ଏବଂ ହରିୟାଣାକୁ ଆସନ୍ତାକାଲି ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ସାହସ, ବୀରତ୍ୱ ଏବଂ ବଳିଦାନ ବଳରେ ସୀମା ସୁରକ୍ଷା ବାହିନୀ ଦେଶର ସୁରକ୍ଷାକୁ ସୁଦୃଢ଼ କରିଛି : କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ମିଆଁମାର୍‌କୁ ମାନବିକ ସହାୟତା ସ୍ୱରୂପ ୨୨୦୦ ଟନ୍ ଚାଉଳ ପଠାଇଲା ଭାରତ ।

- ବିଦ୍ରୋହୀଙ୍କ ଭୟରେ ରାଜଧାନୀ ଡାମାସ୍‌କସ୍ ଛାଡିଲେ ସିରିଆ ରାଷ୍ଟ୍ରପତି ।

ଏବଂ

- ଆଡିଲେଡ୍ ଟେଷ୍ଟରେ ଅଷ୍ଟ୍ରେଲିଆ ଭାରତ ବିପକ୍ଷରେ ୧୦ ଓ୍ୱିକେଟ୍‌ରେ ବିଜୟୀ । ସିରିଜ୍ ୧-୧ରେ ସମାନ ସ୍ତରରେ ରହିଛି ।

# ପିଏମ୍ – ରାଜସ୍ଥାନ ଓ ହରିୟାଣା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନ ଓ ହରିୟାଣା ଗସ୍ତ କରିବେ। ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଜୟପୁର ପ୍ରଦର୍ଶନୀ ଓ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ "ଜାଗ୍ରତ ରାଜସ୍ଥାନ ବିଶ୍ୱ ସମ୍ମିଳନୀ-୨୦୨୪"ର ଉଦ୍‌ଘାଟନ କରି ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେବେ। ଅପରାହ୍ନରେ ପ୍ରଧାନମନ୍ତ୍ରୀ ପାନିପଥ୍‌ଠାରେ "ବୀମା ସଖୀ ଯୋଜନା"ର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି। ମାଟ୍ରିକ୍ ପାସ୍ କରିଥିବା ୧୮ରୁ ୭୦ ବର୍ଷ ବୟସର ମହିଳାଙ୍କ ସଶକ୍ତିକରଣ ନିମନ୍ତେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାଳରେ ହରିୟାଣାର କର୍ଣ୍ଣାଲ୍‌ଠାରେ ଥିବା ମହାରାଣାପ୍ରତାପ ହର୍ଟିକଲଚର ୟୁନିଭର୍ସିଟିର ମୁଖ୍ୟ କ୍ୟାମ୍ପସର ଶିଳାନ୍ୟାସ କରିବେ। ଏହି ବିଶ୍ୱବିଦ୍ୟାଳୟ ଅଧିନରେ ଉଦ୍ୟାନକୃଷିର ସ୍ନାତକ ଓ ସ୍ନାତକୋତ୍ତର ଅଧ୍ୟୟନ ନିମନ୍ତେ ବ୍ୟବସ୍ଥା ରହିଛି।

# ସୀମା ସୁରକ୍ଷା ବଳ

ସାହସ, ବୀରତ୍ୱ ଏବଂ ବଳିଦାନ ବଳରେ ସୀମା ସୁରକ୍ଷା ବାହିନୀ ୬ ଦଶନ୍ଧି ଧରି ଦେଶର ସୀମା ସୁରକ୍ଷାକୁ ସୁଦୃଢ଼ କରିପାରିଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି। ଯୋଧପୁରଠାରେ ସୀମା ସୁରକ୍ଷା ବଳର ୬୦ତମ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି ୧୯୬୫ ମସିହାରୁ ପୂର୍ବ ଏବଂ ପଶ୍ଚିମ ସୀମାକୁ ସୁରକ୍ଷିତ ରଖିବା ପାଇଁ ବିଏସ୍‌ଏଫ୍ ସଫଳତା ହାସଲ

କରିଛି। ୨୫ଟି ବାଟାଲିୟନରୁ ଆରମ୍ଭ ହୋଇଥିବା ସୀମା ସୁରକ୍ଷା ବଳର କଳେବର ଇତିମଧ୍ୟରେ ବୃଦ୍ଧି ପାଇଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି। ଅନୁପ୍ରବେଶ ରୋକିବା, ନକଲି ନୋଟ୍ ସହିତ ସୀମାରେ ଦେଶବିରୋଧି କାର୍ଯ୍ୟକଳାପକୁ ପ୍ରତିହତ କରିବାରେ ବିଏସ୍ଏଫ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ସୁରକ୍ଷା ଦୃଶ୍ୟପଟ୍ଟରେ ବଡ଼ ଧରଣର ପରିବର୍ତ୍ତନ ଆସିପାରିଛି। ସୀମାରେ ଭିତ୍ତିଭୂମି ସୁଦୃଢ଼ ହେବାସହ ପ୍ରତିବର୍ଷ ବଜେଟରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି। ସୀମାନ୍ତ ଗ୍ରାମର ନାଗରିକମାନେ ସମ୍ମାନ, ରୋଜଗାର ଏବଂ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ନ ହେବେ ସେଥିପାଇଁ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ପ୍ରାୟ ୩ ହଜାର ସୀମାନ୍ତ ଗ୍ରାମରେ ପରୀକ୍ଷାମୂଳକ ଭାବେ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ସ୍ୱରାଷ୍ଟମନ୍ତ୍ରୀ ସୀମା ସୁରକ୍ଷା ବାହିନୀ ଦ୍ୱାରା ପ୍ରସ୍ତୁତ ପରେଡର ନିରୀକ୍ଷଣ କରିଥିଲେ। ଏହି ଅବସରରେ ଉତ୍କୃଷ୍ଟ ସେବା ପାଇଁ ବୀରତା ପୁରସ୍କାର ଏବଂ ପୁଲିସ୍ ସେବା ପଦକ ସ୍ୱରାଷ୍ଟ୍ରମନ୍ତ୍ରୀ ପ୍ରଦାନ କରିଛନ୍ତି।

## ଭାରତ-ମିଆଁମାର୍

ମିଆଁମାର୍‌କୁ ମାନବିକ ସହାୟତା ସ୍ୱରୂପ ଭାରତ ୨୨୦୦ ଟନ୍ ଚାଉଳ ପଠାଇଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଭାରତର

ପଡ଼ୋଶୀ ପ୍ରଥମ ନୀତି ଏବଂ ଆକ୍ଟ ଇଷ୍ଟ ନୀତି ଆଧାରରେ ଭାରତ ମିଆଁମାର୍‌କୁ ତା'ର ସହଯୋଗର ହାତ ବଢ଼ାଇଛି। ସୂଚନାଯୋଗ୍ୟ ମିଆଁମାର୍‌ରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଯୋଗୁଁ ଗତବର୍ଷ ୧ ହଜାର ୫୨ ଜଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ବିଶ୍ୱର ଅନ୍ୟାନ୍ୟ ଦେଶ ତୁଳନାରେ ଏହା ଯଥେଷ୍ଟ ଅଧିକ। ଏହି ବିସ୍ଫୋରଣରେ ବିଶେଷ ଭାବରେ ୨୦ ପ୍ରତିଶତ ଶିଶୁ ମୃତାହତ ହୋଇଥିବା ଏକ ଆକଳନରୁ ଜଣାପଡ଼ିଛି।

## ଜାମ୍ମୁ ଓ କାଶ୍ମୀର ତିନିବାହିନୀ ସମ୍ମିଳନୀ

ସେନାବାହିନୀର ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଗତକାଲି ଉଦ୍ଧାମପୁରସ୍ଥିତ ଉତ୍ତର କମାଣ୍ଡ ହେଡ୍‌କ୍ୱାର୍ଟରଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏଥିରେ ଜଳ, ସ୍ଥଳ ଓ ଆକାଶ ତିନିବାହିନୀର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ଆକାଶବାଣୀ ଜମ୍ମୁ ସମ୍ବାଦଦାତା ଜଣାଇଛନ୍ତି ଜମ୍ମୁ କାଶ୍ମୀର ଏବଂ ଲଦ୍ଦାଖର ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ନିମନ୍ତେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ପଦାତିକ ବାହିନୀର ବରିଷ୍ଠ ଅଧିକାରୀ, ବାୟୁସେନା, ନୌସେନା ଏବଂ ଇଣ୍ଡୋ-ତିବ୍ବତ୍ ସୀମା ସୁରକ୍ଷା ପୁଲିସ୍‌ର ଅଧିକାରୀ ଅଂଶଗ୍ରହଣ କରିଥିଲେ। ତିନି ବାହିନୀର ମିଳିତ ଦକ୍ଷତାକୁ ବୃଦ୍ଧି କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ।  ଚୀନ୍ ଏବଂ ଭାରତ ମଧ୍ୟରେ ଥିବା ଅର୍ନ୍ତବିବାଦର ଫଳସ୍ୱରୂପ ପୂର୍ବ ଲଦ୍ଦାଖ୍‌ରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖାକୁ ସୁରକ୍ଷା ଦେବା ନିମନ୍ତେ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।

## ଦୂରଦର୍ଶନର ୱେବ ଓଟିଟି

ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ ସେହଗଲ କହିଛନ୍ତି ଦୂରଦର୍ଶନର ଓ୍ବେବ ଓଟିଟି ପ୍ଲାଟଫର୍ମ ପରିବାରର ସମସ୍ତ ସଦସ୍ୟଙ୍କୁ ଏକ ସୁସ୍ଥ ଏବଂ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପ୍ରଦାନ କରିବ। ସାର୍ବଜନୀନ ପ୍ରସାରଣକାରୀଙ୍କୁ ଏକାସମୟରେ ବହୁ ଦର୍ଶକଙ୍କ ନିକଟରେ ପହଞ୍ଚିବାରେ ଏହା ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି। ଅହମ୍ମଦାବାଦ ଦୂରଦର୍ଶନ ଗସ୍ତ ସମୟରେ ସେ କହିଛନ୍ତି ଦର୍ଶକଙ୍କୁ ଦୂରଦର୍ଶନର ପୁରୁଣା ଲୋକପ୍ରିୟ କାର୍ଯ୍ୟକ୍ରମଗୁଡ଼ିକ ଓଟିଟି ପ୍ଲାଟଫର୍ମ ମାଧ୍ୟମରେ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

## ସିରିଆ ପ୍ରେଜ୍ ଫ୍ଲିଉ

ସିରିଆର ରାଷ୍ଟ୍ରପତି ବସର୍ ଅଲ୍ ଅସାଦ୍ ବିଦ୍ରୋହୀଙ୍କ ଭୟରେ ରାଜଧାନୀ ଡାମାସ୍କସ ଛାଡ଼ି ଏକ ଅଜ୍ଞାତବାସରେ ଅଛନ୍ତି। ଗଣମାଧ୍ୟମ ସୂଚନା ଅନୁସାରେ ଯୁଦ୍ଧବିଧ୍ୱସ୍ତ ସିରିଆରେ ବିପକ୍ଷ ବିଦ୍ରୋହୀମାନେ ଆଜି ରାଜଧାନୀ ଦଖଲ କରିଛନ୍ତି। ସିରିଆରେ ୨୦୧୧ ମସିହାରୁ ଚାଲିଆସୁଥିବା ଗୃହଯୁଦ୍ଧର ପରିଣାମ ସ୍ୱରୂପ ଦେଶରେ ଅରାଜକତା ପରିସ୍ଥିତି ସୃଷ୍ଟି ହେବାରୁ ରାଷ୍ଟ୍ରପତି ଅସାଦ୍‌ଙ୍କୁ ଏହି ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଛି। ସେହି ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ବହୁଳ ଭାବେ ବାଧାପ୍ରାପ୍ତ ହୋଇଛି। ସିରିଆର ପଡ଼ୋଶୀ ରାଷ୍ଟ୍ର ଲେବାନନ୍' ବେରୁଟ୍‌କୁ ଛାଡ଼ି ତା'ର ସମସ୍ତ ସୀମାନ୍ତ ସଡ଼କପଥକୁ ଅବରୋଧ କରିଛି। ଜୋର୍ଡାନ୍ ମଧ୍ୟ ତା'ର ସୀମାକୁ ଅବରୋଧ କରିବା ନିମନ୍ତେ ପଦକ୍ଷେପ ନେଇଛି।

ସିରିଆରେ ସଂଘଟିତ ବିଦ୍ରୋହୀ ଓ ଶାସକ ସେନା ଗୋଷ୍ଠୀଙ୍କ ମଧ୍ୟରେ ଯୁଦ୍ଧ ଗତମାସ ୨୭ ତାରିଖଠାରୁ ଅଧିକ ତୀବ୍ର ହୋଇଛି ।

## ୟୁପିଆଇ – ଆଇଆଇଏମ୍ ଆଇଏସ୍‌ବି ରିପୋର୍ଟ

ଭାରତର ଏକକ ଅର୍ଥ ପ୍ରଦାନ ବା ୟୁପିଆଇ ବ୍ୟବସ୍ଥା ଲାଗୁ ହେବା ଫଳରେ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ । ଆଇଆଇଏମ୍ ଏବଂ ଆଇଏସ୍‌ବି’ର ଏକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ ପ୍ରତ୍ୟେକ କ୍ରେଡିଟ୍ ସୁବିଧା ପାଉଥିବା ଗ୍ରାହକମାନେ ପ୍ରଥମ ଥର ପାଇଁ ବିଶେଷ ଭାବରେ ଉପକୃତ ହୋଇପାରିବେ । ମୁକ୍ତ ବ୍ୟାଙ୍କ ସେବା ଏବଂ ଡିଜିଟାଲ ଅର୍ଥ ପ୍ରଦାନ ବ୍ୟବସ୍ଥା ଭାରତ ତଥା ବିଦେଶରେ ଫିନ୍‌ଟେକ୍ ବ୍ୟବସ୍ଥା ପ୍ରଚଳନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ମାଧ୍ୟମରେ ଖିଲାପି ହାର କମାଯାଇପାରିବ ଏବଂ ଡିଜିଟାଲ କାରବାର ମଧ୍ୟ ସୁଚାରୁ ରୂପେ ସମ୍ପାଦିତ ହୋଇପାରିବ । ଏହି ୟୁପିଆଇ ବ୍ୟବସ୍ଥା ୨୦୧୬ ମସିହାରୁ ଭାରତରେ କାର୍ଯ୍ୟକାରୀ ହୋଇଆସୁଛି । ଏହା ମାଧ୍ୟମରେ ୩୦୦ ନିୟୁତ ବ୍ୟକ୍ତିବିଶେଷ ଏବଂ ୫୦ ନିୟୁତ ବ୍ୟବସାୟୀ ବିନା ସିମ୍‌ରେ ଡିଜିଟାଲ କାରବାର କରିବାକୁ ସକ୍ଷମ ହୋଇଛନ୍ତି ।

## ଚାରିଧାମ ଯାତ୍ରା

ଉତ୍ତରାଖଣ୍ଡରେ ଶୀତକାଳୀନ ଚାରିଧାମ ଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି । ଶ୍ରଦ୍ଧାଳୁ ଚାରୋଟି ପବିତ୍ର ଧାମର ଏହି ଅବସରରେ ଦର୍ଶନ କରିବାର ସୁଯୋଗ ପାଇବେ । ମୁଖ୍ୟମନ୍ତ୍ରୀ ପୁଷ୍କରସିଂହ ଧାମୀ ରୁଦ୍ରପ୍ରୟାଗ

ଜିଲ୍ଲାର ଓମ୍କାରେଶ୍ୱର ମନ୍ଦିରଠାରେ ଏହି ଯାତ୍ରାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଭକ୍ତମାନଙ୍କ ସୁରୁଖୁରୁରେ ଚାରିଧାମ ଯାତ୍ରା ସମ୍ପନ୍ନ ପାଇଁ ସରକାର ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି। ଏହି ତୀର୍ଥଯାତ୍ରା ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଧାମୀ ସୂଚନା ଦେଇଛନ୍ତି।

## ଦିଲ୍ଲୀ ବାୟୁପ୍ରଦୂଷଣ

ଜାତୀୟ ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଦିନକୁ ଦିନ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ବାୟୁର ମାନ ସୂଚକାଙ୍କ ଆଜି ସକାଳ ୭ଟା ସୁଦ୍ଧା ୨୬୩ ଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ସୂଚନା ଅନୁଯାୟୀ ବାୟୁ ପ୍ରଦୂଷଣର ମାନ ୩୦୦ ସ୍ତରକୁ ଖସିଆସିଛି। ଏହି ମାନ ସୂଚକାଙ୍କ ଦିଲ୍ଲୀର ସାଦିପୁର ଷ୍ଟେସନଠାରେ ୩୪୪, ଆନନ୍ଦବିହାରରେ ୩୩୮, ଜାହାଙ୍ଗୀରପୁରୀରେ ୩୧୪, ଦ୍ୱାରକା ସେକ୍ଟର-୮ରେ ୨୬୬, ଆଇଜିଆଇ ଏୟାରପୋର୍ଟରେ ୨୫୭, ପଞ୍ଜାବୀବାଗ୍‌ରେ ୨୮୮, ଆୟାନଗରରେ ୨୨୬ ଓ ଲୋଧିରୋଡରେ ୧୫୮ ରେକର୍ଡ କରାଯାଇଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳର ପାର୍ଶ୍ୱବର୍ତ୍ତୀ ଇଲାକାରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଘନକୁହୁଡ଼ି ଏବଂ ଧୂଆଁଳିଆ ଆକାଶ ଦୃଶ୍ୟମାନ ହେବ।

## ଗୁଡ୍ ଗଭର୍ଣ୍ଣାନ୍ସ ୱିକ୍

ସୁଶାସନ ସପ୍ତାହ ପାଳନ ଅବସରରେ ଆସନ୍ତା ୧୯ ତାରିଖରେ ଦେଶବ୍ୟାପୀ ଗାଁ ଅଭିମୁଖେ ପ୍ରଶାସନ ଶୀର୍ଷକ ଅଭିଯାନ ଆରମ୍ଭ କରାଯିବ। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାକୁ ସାମିଲ କରାଯିବ। ଏଥିରେ ୭ଶହରୁ ଅଧିକ ଜିଲ୍ଲାପାଳ ଅଂଶଗ୍ରହଣ କରିବେ।

# ଭାରତ – ଅଷ୍ଟ୍ରେଲିଆ କ୍ରିକେଟ୍ ମ୍ୟାଚ୍

ଅଷ୍ଟ୍ରେଲିଆ' ଆଡିଲେଡ୍ ଟେଷ୍ଟ ୧୦ ୱିକେଟ୍‌ରେ ବିଜୟୀ ହୋଇଛି। ବର୍ଡ଼ର-ଗାଭାସ୍କର ଟ୍ରଫି କ୍ରିକେଟ୍ ସିରିଜ୍‌ର ଏହି ଦ୍ୱିତୀୟ ଟେଷ୍ଟମ୍ୟାଚ୍‌କୁ ଜିତି ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ସିରିଜ ୧-୧ରେ ସମାନ ସ୍ତରରେ ପହଞ୍ଚିଛି। ଭାରତ ଆଜି ତୃତୀୟ ଦିନରେ ଗତକାଲିର ଦ୍ୱିତୀୟ ଇନିଂସ୍ ସ୍କୋର ୫ ୱିକେଟରେ ୧୨୮ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ସମସ୍ତ ୱିକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା। ଫଳରେ ଟେଷ୍ଟମ୍ୟାଚ୍‌କୁ ଜିତିବା ପାଇଁ ଅଷ୍ଟ୍ରେଲିଆ ସମ୍ମୁଖରେ ମାତ୍ର ୧୯ ରନ୍‌ର ଆବଶ୍ୟକତା ପଡ଼ିଥିଲା। କୌଣସି ୱିକେଟ୍ ନ ହରାଇ ଅଷ୍ଟ୍ରେଲିଆ ୧୯ ରନ୍ ସଂଗ୍ରହ କରି ଟେଷ୍ଟମ୍ୟାଚ୍‌କୁ ଜିତିଛି। ଚୂଡ଼ାନ୍ତ ସ୍କୋର ଭାରତ ପ୍ରଥମ ଇନିଂସ ୧୮୦ ରନ୍, ଦ୍ୱିତୀୟ ଇନିଂସ ୧୭୫ ରନ୍ ହୋଇଥିବାବେଳେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍ ୩୩୭ ରନ୍, ଦ୍ୱିତୀୟ ଇନିଂସ ୧୯ ରନ୍।